### ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ନାହିଁ

# ହିତାଧିକାରୀ ଚୟନ ପକ୍ରିୟା ଦଳୀୟ ଆଧାରରେ କରି ଓଡିଆ ଟିକସ ଦାତାଙ୍କ ଝାଳବୁଆ ଅର୍ଥକୁ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି ସରକାର : ବିଜେପି

- **ନବୀନ ସରକାରଙ୍କ ୧୯ ବର୍ଷ ଶାସନରେ ଗରିବ ସଂଖ୍ୟା ୩୪ ଲକ୍ଷ ବଢିବା ବୋଲି କହିବା ନିଜ ବିଫଳତାର ପ୍ରମାଣ**
- **ଏହା କଣ ନବୀନ ପଟ୍ଟନାୟକଙ୍କର କଠିନ ପରିଶ୍ରମ ଓ ଶ୍ରେଷ୍ଠ ପ୍ରଶାସକର ଫଳ କି ବୋଲି ପ୍ରଶ୍ନ**
- **ଖାଦ୍ୟ ସୁରକ୍ଷା ନୁହେଁ ନବୀନଙ୍କ ସୁରକ୍ଷା ପାଇଁ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ରାଜନୈତିକ ସ୍ୱାର୍ଥ ପାଇଁ ଖର୍ଚ୍ଚ ହେଉଛି**

**ଭୁବନେଶ୍ୱର, ତା.୦୨/୧୦ :** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ନାହିଁ ଓ ହିତାଧିକାରୀ ଚୟନ ପକ୍ରିୟା ଅନେକ ମାତ୍ରାରେ ଦଳୀୟ ଆଧାରରେ କରି ଶହଶହ କୋଟି ଟଙ୍କାର ଓଡିଆ ଟିକସ ଦାତାଙ୍କ ଝାଳବୁଆ ଅର୍ଥକୁ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରୁଛି ବୋଲି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।

ଦେଶସାରା ଲାଗୁ ହୋଇଥିବା ମୋଦି ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ କୌଣସି ବି ରାଜ୍ୟର ଗରିବଙ୍କ ସଂଖ୍ୟା ସାମିଲ ନେଇ ଆପତି ନଥିବେ ବେଳେ ୨୦୧୧ ମସିହା ପରେ ରାଜ୍ୟରେ ୩୪ ଲକ୍ଷ ନୂଆ ଗରିବ ଲୋକ ସୃଷ୍ଟି ହୋଇଥିବା ଓ ଏମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଯୁକ୍ତି ଏହା ୧୯ ବର୍ଷର ଲମ୍ବା ଶାସନର ବିଫଳତାର ପ୍ରମାଣ । ସରକାର ମାନେ ଗରିବ ସଂଖ୍ୟା କମ୍ କରିବା ପାଇଁ ନିର୍ବାଚିତ ହୋଇଥିବା ବେଳେ ନବୀନ ସରକାରଙ୍କ ୧୯ ବର୍ଷ ଶାସନରେ ଗରିବ ସଂଖ୍ୟା ୩୪ ଲକ୍ଷ ବଢିବା ବୋଲି କହିବା ନିଜ ବିଫଳତାର ପ୍ରମାଣ ଦେଇଛନ୍ତି । ଏହା କଣ ନବୀନ ପଟ୍ଟନାୟକଙ୍କର କଠିନ ପରିଶ୍ରମ ଓ ଶ୍ରେଷ୍ଠ ପ୍ରଶାସକର ଫଳ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କଟକ ମେୟରଙ୍କ ଭଳି ଅଯୋଗ୍ୟ କିନ୍ତୁ ବିଜେଡି ଧନୀ ନେତା ଓ କର୍ମୀଙ୍କୁ ଷଡଯନ୍ତ୍ର କରି ସାମିଲ କରାଯାଇଥିଲା । ଏବେ ପ୍ରଥମେ ୩୪ ଲକ୍ଷ ପରେ ୩୨ ଲକ୍ଷ ତାହାପରେ ୨୫ ଲକ୍ଷ ଓ ପରେ ୨୨ ଲକ୍ଷ ହିତାଧିକାରୀ ସାମିଲ ବିଷୟରେ ରାଜ୍ୟ ସରକାର ବିରୋଧାତ୍ମକ ତଥ୍ୟ ଦେଇଛନ୍ତି । ଏବେ ଯେତିକି ହିତାଧିକାରୀ ଚୟନ କରାଯାଇଛି ତାହାର ତାଲିକା କାହିଁକି ୱେବସାଇଟ ମାଧ୍ୟମରେ ଜିଲା, ବ୍ଲକ, ପଂଚାୟତ ଓ ଗାଁ ଓାରି ୱେବସାଇଟରେ କାହିଁକି ସ୍ପଷ୍ଟ କରାଯାଇନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

୨୫ ଲ କ୍ଷ ହିତାଧିକାରୀ ମାସକୁ ୫ କିଲୋ ଚାଉଳ । ଚାଉଳ କିଲୋ ୩୨ ଟଙ୍କା ହିସାବରେ ବାର୍ଷିକ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ । ୪୮୦ କୋଟିର ଲାଭ ନେଉଥିବା ହିତାଧିକାରୀ କିଏ ଏହା ଜାଣିବା ଓଡିଆ ଲୋକଙ୍କ ଅଧିକାର ବୋଲି ପଚାରିବା ସହ ଏହା ଖାଦ୍ୟ ସୁରକ୍ଷା ନୁହେଁ ନବୀନଙ୍କ ସୁରକ୍ଷା ପାଇଁ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ରାଜନୈତିକ ସ୍ୱାର୍ଥ ପାଇଁ ଖର୍ଚ୍ଚ ହେଉଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

ଏହି ଅବସରରେ ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**